# ODM PUBLIC SCHOOL

**SESSION :04**
**CLASS :3**
**SUBJECT : ODIA**
**CHAPTER NUMBER: 04**
**CHAPTER NAME : ହଇଓ ସମୁଦି**
**SUBTOPIC : ପ୍ରଶ୍ନ ଉତ୍ତର ଲେଖ**

CHANGING YOUR TOMORROW

Website: www.odmegroup.org
Email: info@odmps.org
Toll Free: 1800 120 2316
Sishu Vihar, Infocity Road, Patia, Bhubaneswar- 751024

## ଅଧ୍ୟୟନର ଉଦ୍ଦେଶ୍ୟ –
## ପିଲାମାନଙ୍କର ଶ୍ରବଣ ,କଥନ,ପଠନ ଓ ଲିଖନ ଶୈଳୀ ର ଅଭିବୃଦ୍ଧି କରାଇବା |



ODM EDUCATIONAL GROUP
Changing your Tomorrow

# ହାଇଓ ସମୁଦି

ଦ୍ୱିପହର ବେଳା ହୋଇଥାଏ । ହନୁବଇଦ ଖଟରେ ଶୋଇଥାଏ । ସମୁଦି ଗଧିଆଙ୍କ କଥା ତା'ର ମନେ ପଡ଼ିଲା । ସମୁଦିଘରକୁ ବହୁତ ଦିନ ହେଲା ଯାଇନାହିଁ । ଭାବିଲା, ସମୁଦି ଘର ଆଉ ବୁଲି ଆସିବ । ସମୁଦିଘରକୁ ଗଲା । ଦ୍ୱାରରେ ଠକ୍‌ଠକ୍ କଲା । ଗଧିଆ ଧୀର ସ୍ୱରରେ 'ହଁ' କହିଲା । ଠକ୍‌ଠକ୍ ଶୁଣି ଦ୍ୱାର ଖୋଲିଲା ।



ହନୁବଇଦ ତା' ମୁହଁ ଦେଖି ପଚାରିଲା, "କ'ଣ ହୋଇଛି ସମୁଦି ? ତୁମର ମୁହଁ ଶୁଖିଲା ଦିଶୁଛି ।" ଗଧିଆ କହିଲା, "କିଛିଦିନ ହେଲା ଜ୍ୱର ହେଉଛି ।" ଜ୍ୱର ହେବାର କାରଣ ବିଷୟରେ ହନୁବଇଦ ପଚାରିଲା ।



ଗଧିଆ କହିଲା, "କ'ଣ କହିବି ସମୁଦି ! ବିଲେଇନାନୀର ମିଠା ଦୋକାନକୁ ଯାଇଥିଲି । ସେଠି ମିଠା, ସିଙ୍ଗଡ଼ା ଓ ଆଳୁଚପ୍ ଖାଇଲି । ସେଗୁଡ଼ାକ ବାସି ଜିନଷ । ଖରାପ ହୋଇଯାଇଥିଲା । ବିଲେଇନାନୀର ସରାଗ ଦେଖି ମନା କରିପାରିଲିନାହିଁ । ଖାଇଦେଲି ସିନା, ଘରକୁ ଫେରିଲାପରେ ପେଟ ଖରାପ ହୋଇ ଝାଡ଼ା ହେଲା । ତା'ପରଠୁ ତ ଜ୍ୱର । ସେଥିରେ ଆଗରୁ ଥିବା ଶ୍ୱାସରୋଗ ବାହାରି ପଡ଼ିଲା । ଭାରି ଧଇଁସଇଁ ଲାଗୁଛି ।"

ହନୁବଇଦ ସବୁ ଶୁଣିଲା । ଔଷଧ ଦେଲା । ଆଶ୍ୱାସନା ଦେଇ କହିଲା, ଡରନା, ତୁମର କିଛି ହେବ ନାହିଁ । ହନୁର ଔଷଧରେ ଗଧିଆର ଭାରି ବିଶ୍ୱାସ । ହନୁବଇଦ କହିଲା, ସମୁଦି କଥାଟିକୁ ଗଣ୍ଠି ପକାଇ ମନେରଖ –

"ଖାଇବା ଦରବ ପଚାସଢ଼ା ବାସି
ଭଣଭଣ କରି ମାଛି ଥିବେ ବସି
ଭୋକରେ ପଛକେ ଜୀବନ ହାରିବ
ସେପରି ଦରବ କେବେ ନ ଖାଇବ ।"





# ପ୍ରଶ୍ନ ଉତ୍ତର ଲେଖ

୭ –ବିଲେଇନାନୀ ଦୋକାନରେ କି କି ଜିନିଷ ମିଳୁଥିଲା ?

୮ –ତୁମ ଘର ପାଖରେ କେଉଁସବୁ ଦୋକାନ ଅଛି ,ତାରତାଲିକା କର |

୧୧ –ବଜାରରେ ବିକ୍ରି ହେଉଥିବା କେଉଁ ସବୁ ଜିନିଷରେ ମାଛି ବସେ ସେଗୁଡିକର ନାମ ଲେଖ |

୧୨ –ପଚାସଢା ଜିନିଷ ଖାଇଲେ ତୁମକୁ କେଉଁସବୁ ରୋଗ ହେବ ?

ODM EDUCATIONAL GROUP
Changing your Tomorrow

# ପ୍ରଶ୍ନ ଉତ୍ତର ଲେଖ

୭ –ବିଲେଇନାନୀ ଦୋକାନରେ କି କି ଜିନିଷ ମିଳୁଥିଲା ?

ଉତ୍ତର –ବିଲେଇନାନୀ ଦୋକାନରେ ମିଠା ,ସିଙ୍ଗଡା ଓ ଆଳୁଚପ ମିଳୁଥିଲା

୮ –ତୁମ ଘର ପାଖରେ କେଉଁସବୁ ଦୋକାନ ଅଛି ,ତାରତାଲିକା କର |

ଉତ୍ତର –ଆମ ଘର ପାଖରେ ମିଠା ଦୋକାନ ,ପାନ ଦୋକାନ ,ଔଷଧ ଦୋକାନ, ପରିବା ଦୋକାନ ଆଦି ରହିଛି |

୧୧ –ବଜାରରେ ବିକ୍ରି ହେଉଥିବା କେଉଁ ସବୁ ଜିନିଷରେ ମାଛି ବସେ ସେଗୁଡିକର ନାମ ଲେଖ |

ଉତ୍ତର –ମିଠା ଜିନିଷ ,ପଚାସଢା ଫଳ , ପଚାସଢା ପରିବା, ପଚାସଢାମାଛ ,ବାସି ଜିନିଷ ଆଦିରେ ମାଛି ବସେ |

୧୨ –ପଚାସଢା ଜିନିଷ ଖାଇଲେ ତୁମକୁ କେଉଁସବୁ ରୋଗ ହେବ ?

ଉତ୍ତର - ପଚାସଢା ଜିନିଷ ଖାଇଲେ ଆମକୁ ଝାଡା ,ବାନ୍ତି ଓ ପେଟ ଖରାପ ରୋଗ ହେବ |

ODM EDUCATIONAL GROUP
Changing your Tomorrow

# ଗୃହକର୍ମ

## ଅଭ୍ୟାସ -୯ ଓ ୧୦ କୁ ଖାତାରେ କର

୯। କେତୋଟି ଖାଦ୍ୟର ନାମ ଲେଖି ସେଗୁଡ଼ିକ କିପରି ଖରାପ ହୋଇଯାଏ ଲେଖ ।

ଯେପରି – ଭାତ ଅଧିକ ଦିନ ରହିଲେ ବାସି ହୋଇଯାଏ ।

ପାଉଁରୁଟି ଖୋଲାରେ ରହିଲେ ଖଟା ବାସନା ହୁଏ ।

____________________

____________________

____________________

୧୦। ବାସି ଖାଇବା ପାଇଁ ଚାହୁଁ ନାହିଁ । ସେଥିପାଇଁ ତୁମେ କ'ଣ କରିବ ?

____________________

____________________

ODM EDUCATIONAL GROUP
Changing your Tomorrow

ଲବ୍ଧ ଜ୍ଞାନର ଫଳାଫଳ-

ପିଲାମାନଙ୍କର ପଠନ ,ଶ୍ରବଣ , କଥନ ଓ ଲିଖନ ଶୈଳୀର ଅଭିବୃଦ୍ଧି ଘଟିବ |



# THANKING YOU

# ODM EDUCATIONAL GROUP